# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 22nd January – 2026

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ୯୦ ପ୍ରତିଶତ ଚାଷଜମିକୁ ୨୦୩୬ ସୁଦ୍ଧା ଜଳସେଚନ ସୁବିଧା ଯୋଗାଇ ଦିଆଯିବ; କହିଲେ ମୁଖ୍ୟମନ୍ତ୍ରୀ ।

- ସୁଭଦ୍ରା ଯୋଜନାର ୪ ଲକ୍ଷ ୫୭ ହଜାରରୁ ଅଧିକ ହିତାଧିକାରୀଙ୍କୁ ୩୧୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ ।

- ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଇ.ସି.ଆଇ. ନେଟ୍ ଆପ୍‌ର ଶୁଭାରମ୍ଭ ।

ଏବଂ

- ଜାତୀୟସ୍ତରୀୟ ଗଣତନ୍ତ୍ର ଦିବସ ପରେଡ୍‌ରେ ପ୍ରଦର୍ଶିତ ହେବ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଆଧାରିତ ପ୍ରଜ୍ଞାପନ ମେଢ଼ ।

***BBSR/R***

# ପାଣି ପଞ୍ଚାୟତ

ରାଜ୍ୟରେ ଆଗାମୀ ୫ ବର୍ଷ ମଧ୍ୟରେ ୧୫ ଲକ୍ଷ ହେକ୍ଟର ଅତିରିକ୍ତ ଜମିରେ ଜଳସେଚନ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬ରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ୨୦୩୬ ମସିହା ସୁଦ୍ଧା ରାଜ୍ୟର ୯୦ ପ୍ରତିଶତ ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ । ଜଳର ସୁପରିଚାଳନା ବିନା କୃଷି, ଅର୍ଥନୈତିକ ଉନ୍ନତି ଓ ରାଜ୍ୟର ପ୍ରଗତି ଅସମ୍ଭବ । ପାଣି ପଞ୍ଚାୟତ ବ୍ୟବସ୍ଥା ରାଜ୍ୟର କୃଷି ଓ କୃଷକଙ୍କ ଜୀବନରେ ବିରାଟ ପରିବର୍ତ୍ତନ ଆଣିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Voice (CM)*** :.......

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

***BBSR/R***

# ସୁଭଦ୍ରା ସହାୟତା ରାଶି

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାରେ ସର୍ବବୃହତ୍ ମହିଳାକୈନ୍ଦ୍ରିକ ଯୋଜନା ହେଉଛି ସୁଭଦ୍ରା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଭୁବନେଶ୍ୱର ଓ.ୟୁ.ଏ.ଟି. କୃଷି ଶିକ୍ଷା ସଦନଠାରେ ଆଜି ୪ ଲକ୍ଷ ୫୭ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ସହାୟତା ରାଶି ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସୁଭଦ୍ରା ଯୋଜନା ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନର ଏକାଧିକ ଦିଗରେ ଉନ୍ନତି କରିବାର ଲକ୍ଷ୍ୟ ରଖିଛନ୍ତି । ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ । ସୁଭଦ୍ରା ଯୋଜନା ସାମାଜିକ ନ୍ୟାୟ ପ୍ରଦାନ କରିବା ସହ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ, ଗ୍ରାମାଞ୍ଚଳ, ଆଦିବାସୀ ସମ୍ପ୍ରଦାୟ, ସହରାଞ୍ଚଳ ଗରିବ ପରିବାର ଏବଂ ସାହାଯ୍ୟର ଆବଶ୍ୟକତା ଥିବା ମହିଳାମାନଙ୍କୁ ସହାୟକ ହୋଇଛି ବୋଲି ଶ୍ରୀ ମାଝୀ କହିଛନ୍ତି । ସରକାର ଆଜି ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ମାଧ୍ୟମରେ ୩୧୫ କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ବଣ୍ଟନ କରିଛନ୍ତି ।

***PR***

## ଧର୍ମେନ୍ଦ୍ର - ଓଡ଼ିଆ ଭାଷା

ଗୁଜରାଟ ବିଶେଷଭାବରେ ସୁରତ୍‌ରେ ବସବାସ କରୁଥିବା ଓଡ଼ିଆ ସମ୍ପ୍ରଦାୟର ସାମାଜିକ ଓ ଶିକ୍ଷାଗତ ବିକାଶପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ' ଗୁଜରାଟର ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ୍‌ଙ୍କୁ ପତ୍ର ଲେଖିଛନ୍ତି । ସୁରତ୍‌ରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆଙ୍କ ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ଆଗ୍ରହକୁ ଦୃଷ୍ଟିରେ ରଖି ସେଠାରେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂଖ୍ୟା ବୃଦ୍ଧିପାଇଁ କେନ୍ଦ୍ରମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି ।

ଏହାସହ ଓଡ଼ିଆ ଭାଷାର ଶିକ୍ଷଣ ଓ ପ୍ରଶିକ୍ଷଣ ବିଦ୍ୟାଳୟ ସଂଖ୍ୟା ବୃଦ୍ଧି କରିବାପାଇଁ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ।

*IPR*

## ଇନ୍ଦିରାଗାନ୍ଧି ପାର୍କ

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱରସ୍ଥିତ ଇନ୍ଦିରାଗାନ୍ଧି ପାର୍କକୁ ଅଚାନକ ଗସ୍ତ କରି ସେଠାକାର ସୁବିଧା ଓ ରକ୍ଷଣାବେକ୍ଷଣର ଅନୁଧ୍ୟାନ କରିଛନ୍ତି । ଇନ୍ଦିରାଗାନ୍ଧି ପାର୍କକୁ ବହୁସଂଖ୍ୟାରେ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ଆସୁଥିବାରୁ ଏହାର ସ୍ୱଚ୍ଛ ଏବଂ ରକ୍ଷଣାବେକ୍ଷଣ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବା ଉପରେ ମନ୍ତ୍ରୀ ଶ୍ରୀ ମହାପାତ୍ର ଗୁରୁତ୍ୱାରୋପ କରିଛନ୍ତି । ପରିଦର୍ଶନ ସମୟରେ ସେ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ପାର୍କକୁ ସ୍ୱଚ୍ଛ, ସୁରକ୍ଷିତ ଓ ଦର୍ଶନ ଅନୁକୂଳ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

*Desk*

## ତମାଖୁ ସେବନ

ରାଜ୍ୟ ସରକାର ଗୁଟ୍‌ଖା ଓ ତମାଖୁ କ୍ରୟ ବିକ୍ରୟ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ସର୍ବସାଧାରଣ ସ୍ଥାନରେ ଏହାର ସେବନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ

କହିଛନ୍ତି । ସୁସ୍ଥ ଓଡ଼ିଶା ଓ ସୁସ୍ଥ ସମାଜ ଗଠନ ଦିଗରେ ସମସ୍ତଙ୍କୁ ଆଗେଇ ଆସିବାପାଇଁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

***BBSR/R***

## ଇ.ସି.ଆଇ. ନେଟ୍

ଭାରତର ନିର୍ବାଚନ ଆୟୋଗ ଆଜି ଭାରତ-ଅନ୍ତର୍ଜାତୀୟ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀରେ ନିଜର ଏକକ ଡିଜିଟାଲ ପ୍ଲାଟ୍‌ଫର୍ମ- ଇ.ସି.ଆଇ. ନେଟ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି, ଇ.ସି.ଆଇ. ଆପ୍ ଇଂରାଜୀ ଭାଷା ସହ ୨୨ଟି ଅନୁସୂଚିତ ଭାଷାରେ ଉପଲବ୍ଧ । ଆନ୍ତର୍ଜାତିକ ନିର୍ବାଚନ ପରିଚାଳନା ସଂସ୍ଥାମାନଙ୍କୁ ନିଜ ନିଜ ଦେଶର ଆଇନ ଓ ଭାଷା ଅନୁଯାୟୀ ଡିଜିଟାଲ୍ ପ୍ଲାଟଫର୍ମ ବିକାଶପାଇଁ ଭାରତ ସହ ସହଯୋଗ କରିବାକୁ ଶ୍ରୀ କୁମାର ଏହି ଅବସରରେ ଆହ୍ୱାନ ଦେଇଛନ୍ତି । ଏହି ପ୍ଲାଟ୍‌ଫର୍ମ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ସୂଚନା ଓ ସେବାପାଇଁ ଏକକ ଡିଜିଟାଲ୍ ପୋର୍ଟଲ୍ ଭାବେ କାର୍ଯ୍ୟ କରିବ । ଏଥିରେ ୪୦ରୁ ଅଧିକ ଆପ୍ ଓ ପୋର୍ଟାଲ୍‌ଗୁଡ଼ିକୁ ଏକୀକୃତ କରାଯାଇଛି ।

*Desk*

## କଲ୍‌ଚର ମିନିଷ୍ଟ୍ରି - ସାଧାରଣତନ୍ତ୍ର ଦିବସ

ଚଳିତବର୍ଷ ଗଣତନ୍ତ୍ର ଦିବସ ପରେଡ୍‌ରେ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ବିଷୟବସ୍ତୁ ଆଧାରିତ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ । ଏହି ପ୍ରଜ୍ଞାପନ ମେଢ଼ଟିରେ ରାଷ୍ଟ୍ରୀୟ ଗୀତକୁ ଭାରତର ସଭ୍ୟତାଗତ ସ୍ମୃତି, ସାମୂହିକ ଚେତନା ଏବଂ ସଂସ୍କୃତି ନିରନ୍ତରତାର ଜୀବନ୍ତ ପ୍ରତିଛବି ଭାବେ ପ୍ରତିଫଳିତ କରାଯିବ । ଏହା ମାଧ୍ୟମରେ ରାଷ୍ଟ୍ରୀୟ ଗୀତକୁ ଭାରତର ଏକତା, ସାଂସ୍କୃତିକ ଗଭୀରତା ଓ ଭାବନାର ପ୍ରତୀକ ଭାବେ ପ୍ରଦର୍ଶନ କରିବା ଦିଗରେ ମନ୍ତ୍ରଣାଳୟ ପକ୍ଷରୁ ପ୍ରଚେଷ୍ଟା କରାଯାଇଛି ।

*Nayagarh, Rayagada/R*

## ବନ୍ଦେ ମାତରମ୍

ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ନୟାଗଡ଼ ଜିଲ୍ଲା ଭାପୁର ପଞ୍ଚାୟତ ସମିତି ପକ୍ଷରୁ ସାମୂହିକ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

ରାୟଗଡ଼ ଜିଲ୍ଲା ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ବନ୍ଦେ ମାତରମ୍ ସାମୂହିକ ଗାନ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

*Ganjam/R*

## ସଚେତନତା ଶିବିର

ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣର ସଚିବ ବ୍ୟୋମକେଶ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ପୋଶ୍ ନିୟମ, ସାମ୍ବିଧାନିକ ଅଧିକାର ଏବଂ ନାଗରିକଙ୍କ କର୍ତ୍ତବ୍ୟ ବିଷୟରେ ବିଶିଷ୍ଟ ବ୍ୟକ୍ତିମାନେ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଏହି ଅବସରରେ ଜିଲ୍ଲା ଆଇନସେବା ପ୍ରାଧିକରଣର ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା ।

*Nayagarh/R*

## ମୃତ୍ତିକା ସଂରକ୍ଷଣ

ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ଏକ କେନ୍ଦ୍ରୀୟ ଦଳ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିଭାଗଦ୍ୱାରା  ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଜାତୀୟ ବର୍ଷା ପରିପୁଷ୍ଟ ଅଞ୍ଚଳ କର୍ତ୍ତୃପକ୍ଷର ବିଶେଷଜ୍ଞ ଡକ୍ଟର ସୁଷମା ସୁଧିଶ୍ରୀଙ୍କ ନେତୃତ୍ୱରେ ଆଦିଥିବା ୯ ଜଣିଆ ପ୍ରତିନିଧି ଦଳ ବିଭିନ୍ନ ପଞ୍ଚାୟତର ରିୱାର୍ଡ଼ ଯୋଜନାରେ ନିର୍ମିତ ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରିବା ସହ ଆଲୋଚନା କରିଥିଲେ ।

P/R

# କିଛି ସମ୍ବାଦ ସଂକ୍ଷେପରେ

ଭଦ୍ରକ ଜିଲ୍ଲା ଧାମନଗର ମହାବିଦ୍ୟାଳୟ ପରିଦର୍ଶନ କରି ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ମହାବିଦ୍ୟାଳୟକୁ ଏକ ଆଧୁନିକ ଶିକ୍ଷାକେନ୍ଦ୍ରରେ ପରିଣତ କରିବା ଲକ୍ଷ୍ୟରେ ନୂଆ ଉନ୍ନୟନ ରେଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ ବୋଲି ଶ୍ରୀ ସୂରଯ କହିଛନ୍ତି ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ନୂଆପଡ଼ା ଜିଲ୍ଲା ବୋଡେନ୍‌ଠାରେ ପାତାଳଗଙ୍ଗା ଲୋକ ମହୋତ୍ସବ-୨୦୨୬କୁ ବିଧାୟକ ଜୟ ଢୋଲ୍‌କିଆ ଉଦ୍‌ଘାଟନ କରିଛନ୍ତି ।

ଭି.ବି.-ଜି.ରାମ୍ ଜି. ଆଇନ-୨୦୨୫ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଢେଙ୍କାନାଳ ଜିଲ୍ଲା ବି.ଜେ.ପି. କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ।

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ - ଓସ୍‌ଡମାର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡକ୍ଟର କମଳ ଲୋଚନ ମିଶ୍ର ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଯାଇ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସଂକ୍ରାନ୍ତ ସମୀକ୍ଷା ବୈଠକରେଯୋଗ ଦେଇଛନ୍ତି ।

ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଆଦର୍ଶ ଯୁବ ଗ୍ରାମସଭାରେ ନବରଙ୍ଗପୁର ଜିଲ୍ଲା ହିଲି ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ସହ ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି ।

ଷୋଡ଼ଶ ଜାତୀୟ ମତଦାତା ଦିବସ ଅବସରରେ ଗଞ୍ଜାମ ଏବଂ ନୟାଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ସଙ୍କଳ୍ପ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ପି.ଏମ୍.ଶ୍ରୀ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପି.ଏମ୍.ଶ୍ରୀ ଉତ୍ସବକୁ ସାଂସଦ ମାଳବିକା ଦେବୀ ଉଦ୍‌ଘାଟନ କରିଛନ୍ତି ।

ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥିତ ପି.ଏମ୍.ଶ୍ରୀ ସରକାରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପି.ଏମ୍.ଶ୍ରୀ ଉତ୍ସବକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଛନ୍ତି ।

ନୟାଗଡ଼ ଜିଲ୍ଲା ଲାଠିପଡ଼ା ମଡେଲ୍ ଡିଗ୍ରୀ କଲେଜରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଛାତ୍ରଛାତ୍ରୀଙ୍କ ସଚେତନତା ଓ ବୌଦ୍ଧିକ ବିକାଶ ପାଇଁ ସାଇବର ସୁରକ୍ଷା ସଂକ୍ରାନ୍ତିୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

ଢେଙ୍କାନାଳଠାରେ ବିଶ୍ୱ ମଗଜି ଦିବସ ସହ ମଗଜି ସପ୍ତାହ ପାଳନ କରାଯାଇଛି ।

*Kandhamal/R*

# ମାଓ – କୁମ୍ବିଂ ଅପରେସନ

କନ୍ଧମାଳ-କଳାହାଣ୍ଡି ସୀମାନ୍ତ ଜଙ୍ଗଲରେ ମାଓ ଶିବିର ଠାବପାଇଁ କୁମ୍ବିଂ ଅପରେସନ୍ ଆରମ୍ଭ ହୋଇଛି । କନ୍ଧମାଳ ଜିଲ୍ଲାରେ ପୁଲିସ୍, କେନ୍ଦ୍ରୀୟ ସୁରକ୍ଷା ବାହିନୀ, ସି.ଆର୍.ପି.ଏଫ୍. ଓ ବି.ଏସ୍.ଏଫ୍.ର ମିଳିତ ସହଯୋଗରେ ବିଭିନ୍ନ ମାଓପ୍ରବଣ ଅଞ୍ଚଳରେ ମାଓ କ୍ୟାମ୍ପ୍ ଠାବ ସହ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି ।

*IPR*

# ବିଦ୍ୟାଳୟ ସମୂହ ପ୍ରତିଯୋଗିତା

ଅଣସ୍ତରିତମ ଜାତୀୟ ବିଦ୍ୟାଳୟସମୂହ ପ୍ରତିଯୋଗିତାରେ ଓଡ଼ିଶାର ଛାତ୍ରଛାତ୍ରୀମାନେ ସଫଳତା ହାସଲ କରିଛନ୍ତି । ରାଞ୍ଚିରେ ୧୪ ବର୍ଷରୁ କମ୍ ସାଇକେଲ୍ ଚାଳନା ପ୍ରତିଯୋଗିତାରେ ଭଦ୍ରକର ସସ୍ମିତା ପଣ୍ଡା ରୌପ୍ୟ ପଦକ ହାସଲ କରିବା ସହ ୫ ଶହ ମିଟର ଟ୍ରାକ୍‌ରେ ବ୍ରୋଞ୍ଜ୍ ପଦକ ଜିତିଛନ୍ତି । କୋଲକାତାରେ ଆୟୋଜିତ ଜିମ୍ନାଷ୍ଟିକ୍ ପ୍ରତିଯୋଗିତାରେ ପୁରୀ ଜିଲ୍ଲା ସ୍କୁଲ୍‌ର ଅଂଶୁମାନ ସୁନ୍ଦରା ଓ ଦାନଲକ୍ଷ୍ମୀ ରାଓ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି । ରାଜସ୍ଥାନରେ ଆୟୋଜିତ ଖୋଖୋ ପ୍ରତିଯୋଗିତାରେ ଓଡ଼ିଶା ଫାଇନାଲ୍‌ରେ ଉପବିଜେତା ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ରାଜ୍ୟ

ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ୫୧ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ ।

***Sonepur, Jharsuguda/R***

# କ୍ରିକେଟ୍

ସୁବର୍ଣ୍ଣପୁରର ଜିଲ୍ଲା ସଦର ମହକୁମା ସ୍ଥିତ ଗାନ୍ଧିପଡ଼ିଆଠାରେ ଚାଲିଥିବା ୩୭ତମ ସର୍ବଭାରତୀୟ ଲାଲ୍‌ମନି କ୍ରିକେଟ୍ କପ୍ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ବାପୁଜୀ କ୍ଲବ୍-ଭୁବନେଶ୍ୱର ୫ ୱିକେଟ୍‌ରେ ୟଙ୍ଗ୍‌ଷ୍ଟାର କ୍ରିକେଟ୍ କ୍ଲବ୍-ବଲାଙ୍ଗିରକୁ ପରାସ୍ତ କରି ଫାଇନାଲ୍‌କୁ ଉନ୍ନୀତ ହୋଇଛି ।

ଝାରସୁଗୁଡ଼ା ଜିଲ୍ଲା କୋଲାବିରାସ୍ଥିତ ସମସିଂହାଠାରେ ଚାମ୍ପିୟନ୍‌ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହୋଇଛି । ଆଜିର ମ୍ୟାଚ୍‌ରେ ସମ୍ବଲପୁର ୮ ୱିକେଟ୍‌ରେ ଝାରସୁଗୁଡ଼ାକୁ ପରାସ୍ତ କରିଛି ।

******